ପ୍ରେସ୍‌ନୋଟ୍ ।

## ଆଜି ଅନୁଗୋଳରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୨୫୪ ରେ ।

ଅନୁଗୋଳ,୨୫.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ତାଳଚେର ପୌରାଞ୍ଚଳର ଜଣେ ୨୯ ବର୍ଷୀୟା ମହିଳା ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଂକର ପଜିଟିଭ ବାହାରିଛି । ସେହିପରି ବଣ୍ଡଁରପାଳ ବ୍ଲକ୍ ଅଂଚଳର ଜଣେ ୨୬ ବର୍ଷୀୟା ମହିଳା ନିଜ ପରିବାରରେ ପୂର୍ବରୁ ଚିହ୍ନଟ ହୋଇଥିବା ଜଣେ ଆକ୍ରାନ୍ତଂକ ସଂସ୍ପର୍ଶରେ ଆସି ପଜିଟିଭ ହୋଇଛନ୍ତି । ୨ ଜଣଂକ ମଧ୍ୟରୁ ଆଜି ୨ୟ ମହିଳା ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୨ ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୨୫୪ ରେ ପହଂଚିଲା । ଇତି ମଧ୍ୟରେ ୨ ଜଣ ସୁସ୍ଥ ହୋଇ କୋଭିଡ କେୟାର ସେଣ୍ଟରକୁ ନିରୀକ୍ଷଣ ନିମନ୍ତେ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ସୁସ୍ଥ ହୋଇଥିବା ୧୪୭କୁ ମିଶାଇ ସମୁଦାୟ ସୁସ୍ଥଂକ ସଂଖ୍ୟା ୧୪୯ରେ ପହଂଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ପ୍ରେସ ସଂଖ୍ୟା-୪୮୪ ତା.୨୫.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

[signature] ୨୫/୭/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।